# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ...୩୮୦.../ ତା. ...୨୦.୦୧.୨୦୨୧.../

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ଷ୍ଟଲ ଗୁଡିକ ସିଲ୍ଡ ଟେଣ୍ଡର ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଷ୍ଟଲ ମୂଲ୍ୟର ୫୦% ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **Executive Officer, Subarnapur Municipality** ଙ୍କ ନାମରେ ଜମାଦେବେ । ତା.୧୦.୦୨.୨୦୨୧ ଅପରାହ୍ନ ୫.୦୦ଘ ସୁଦ୍ଧା ସିଲ୍ଡ ଟେଣ୍ଡର Regd. Post/ Courier/Speed Post କିମ୍ବା Tender Box ରେ କାର୍ଯ୍ୟାଳୟରେ ଦାଖଲ କରିବେ । ତା.୧୧.୦୨.୨୦୨୧ ଦିବା ୧୧.୦୦ଘ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ସିଲ୍ଡ ଟେଣ୍ଡର ଖୋଲାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମ ର ସର୍ତ୍ତାବଳୀ ନିମ୍ନରେ ଦିଆଗଲା । ପ୍ରକାଶଥାଉକି ସିଲ୍ଡ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ଉପରେ କରାଯିବ । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବେ ସେମାନେ ନିର୍ଦ୍ଧାରୀତ ଦରଖାସ୍ତ ରେ ନିଜର ସଂପୂର୍ଣ୍ଣ ବିବରଣୀ ସହିତ ଧାର୍ଯ୍ୟ ମୂଲ୍ୟ ଉପରେ କେତେ ଟଙ୍କାରେ ଦୋକାନ ନେବାକୁ ଇଚ୍ଛୁକ (ଉଭୟ ଅଙ୍କରେ ଓ ଅକ୍ଷରରେ ଲେଖିବେ) ଓ ସିଲ୍ଡ ଲଫାପାରେ ଦାଖଲ କରିବାକୁ ଜଣାଇଦିଆଗଲା ।

| କ୍ର. ନଂ | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ୫୦% | ଦୋକାନ ଗୃହର ମାସିକ ଭଡା |
|---|---|---|---|---|---|
| ୧ | ସୁବାଷ ମାର୍କେଟ କଂପ୍ଲେକ୍ସ (ଘୋଡାଘାଟପଡା) ସୋନପୁର | ୧୪' X ୮' (୧୩ ଗୋଟି) କ୍ର.ନଂ. ୫ ବ୍ୟତିତ | ୧,୨୦,୦୦୦/- | ୬୦,୦୦୦/- | ୧୫୦୦/- |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଟେଣ୍ଡର ମୂଲ୍ୟର ଅବରୋହି କ୍ରମ ଅନୁସାରେ ୧୩ ଜଣ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେମାନେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମା କରି ଚୁକ୍ତିନାମା ସାକ୍ଷର କରିବେ । ନଚେତ୍ ତାଙ୍କର ଆମାନତ ରାଶି ଟଙ୍କା ବ୍ୟାଜିପ୍ତି କରାଯାଇ ପରବର୍ତ୍ତି ସର୍ବୋଚ୍ଚ ନିଲାମଧାରି ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ ଉକ୍ତ ଦୋକାନର ପୁନର୍ବାର ନିଲାମ ଟେଣ୍ଡର କରାଯିବ ।

୪. ନିମ୍ନସାକ୍ଷରକାରୀ ଯେ କୌଣସି ନିଲାମ ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ନିଲାମ ଟେଣ୍ଡର ରେ ଅଂଶ ଗ୍ରହଣ କରି ପାରିବେ ।

୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡାରେ ଲଗାଇପାରିବେ ନାହିଁ । ହସ୍ତାନ୍ତର କିମ୍ବା ଭଡା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମାଟଙ୍କା ବାଜ୍ୟାପ୍ତି କରାଯିବ ।

୭. ଯେଉଁ ବ୍ୟକ୍ତି ମାନେ ପୂର୍ବରୁ ପୌର ପରିଷଦ ଅଧିନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚରକୁ ନିଆଯିବ ନାହିଁ ।

୮. ଟେଣ୍ଡରଧାରି ଯଦି ଟେଣ୍ଡର ପାଇବେ ନାହିଁ ତାହେଲେ ତାଙ୍କର ଅମାନତରାଶି ସର୍ବୋଚ୍ଚ ଟେଣ୍ଡର ଧାରୀଙ୍କ ଚୁକ୍ତିନାମା ସାକ୍ଷର ହେଲାପରେ ବିନା ସୁଧରେ ଫେରସ୍ତ ପାଇବେ ।

୯. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୧୦.ଟେଣ୍ଡର ସଂକ୍ରାନ୍ତିୟ ବିଶଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

୨୦/୦୧/୨୦୨୧

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ ......୩୪୧...... ତାରିଖ......୨୦.୦୧.୨୦୨୧......

ଏହାର ଏକକିତା ଅବିକଳ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ସରକାର ଙ୍କୁ **ସମାଜ (ସମ୍ବଲପୁର ପ୍ରକାଶନ)/ ସମ୍ବାଦ (ସମ୍ବଲପୁର ପ୍ରକାଶନ)** ସମ୍ବାଦପତ୍ରରେ ଆସନ୍ତା କାଲି ଗୋଟିଏ ଦିନ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ ......୩୪୨...... ତାରିଖ......୨୦.୦୧.୨୦୨୧......

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ ......୩୪୩...... ତାରିଖ......୨୦.୦୧.୨୦୨୧......

ଏହାର ଏକକିତା ଅବିକଳ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ ......୩୪୪...... ତାରିଖ......୨୦.୦୧.୨୦୨୧......

ଏହାର ଏକକିତା ଅବିକଳ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ ......୩୪୫...... ତାରିଖ......୨୦.୦୧.୨୦୨୧......

ଏହାର ଏକକିତା ଅବିକଳ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।